**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**18 April – 2024**

## ମତଦାନ-ପ୍ରଚାରକାର୍ଯ୍ୟ ଶେଷ

ଦେଶର ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ନିର୍ବାଚନମଣ୍ଡଳୀରେ ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମତଦାନ ପାଇଁ ପ୍ରଚାରକାର୍ଯ୍ୟ ଗତକାଲି ସଂଧ୍ୟାରେ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମତଦାନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଉଥିବାବେଳେ ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆଂଶିକଭାବେ ଶେଷ ହେବ ।

## ମତଦାନ ପାଇଁ ୧୮ରେ ବିଜ୍ଞପ୍ତି

ରାଜ୍ୟରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇବ। ଏଥିପାଇଁ ଚଳିତ ମାସ ୨୫ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହେବ ଏବଂ ୨୯ ତାରିଖରେ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିନ ଧାର୍ଯ୍ୟ କରାଯାଇଛି। ଏପ୍ରିଲ ୨୬ ତାରିଖରେ ପ୍ରାର୍ଥୀପତ୍ରଗୁଡ଼ିକୁ ଯାଞ୍ଚ କରାଯିବ। ଏହି ପର୍ଯ୍ୟାୟ ପାଇଁ ମେ’ ୧୩ ତାରିଖରେ ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ୪ଟି ଲୋକସଭା ଆସନ ସମେତ ୨୮ଟି ବିଧାନସଭା ଆସନ ପାଇଁ ମତଦାନ ହେବ।

# ଗ୍ରୀଷ୍ମକାଳୀନ ଟ୍ରେନ୍ ଚଳାଚଳ

ପୂର୍ବତଟ ରେଳପଥ ପକ୍ଷରୁ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ୨୦ଯୋଡ଼ା ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଟ୍ରେନ୍ ଚଳାଚଳ କରିବ । ଗ୍ରୀଷ୍ମଋତୁରେ ଯାତ୍ରୀଭିଡ଼କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଯିବାପାଇଁ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଛି । ଏହାବ୍ୟତୀତ ପୂର୍ବତଟ ରେଳପଥ ପରିସୀମା ମଧ୍ୟ ଦେଇ ୧୩ଯୋଡ଼ା ଦୂରଗାମୀ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ମଧ୍ୟ ଚଳାଚଳ କରୁଛି ।

# ବିଜୁଳି ବ୍ୟବହାର ବୃଦ୍ଧି

ଦେଶରେ ଚଳିତବର୍ଷ ଏପ୍ରିଲ ମାସର ପ୍ରଥମ ୧୫ ଦିନରେ ବିଜୁଳି ବ୍ୟବହାରରେ ପ୍ରାୟ ୧୦ପ୍ରତିଶତ ବୃଦ୍ଧି ଘଟି ୭୦ ଦଶମିକ ୬/୬ ବିଲିୟନ ୟୁନିଟ୍‌ରେ ପହଞ୍ଚିଛି । ଦେଶରେ ତାପମାତ୍ରା ଅଧିକ ରହିଥିବାରୁ ଶିଖରଶକ୍ତି ଚାହିଦା ୨୬୦ ଗିଗାଓ୍ୱାଟ ରହିବା ନେଇ ଶକ୍ତିମନ୍ତ୍ରଣାଳୟ ପକ୍ଷରୁ ଆକଳନ କରାଯାଇଛି । ତେବେ ୨୦୨୩ ସେପ୍ଟେମ୍ବରରେ ଏହି ଶକ୍ତି ଚାହିଦା ସର୍ବକାଳୀନ ରେକର୍ଡ ୨୪୩ ଗିଗାଓ୍ୱାଟ ରହିଥିଲା ।

# ରଥକାଠ ଚିରଟ

ପୁରୀ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ରଥକାଠ ଚିରଟ ଅନୁକୂଳ ଆରମ୍ଭ ହୋଇଛି । ପବିତ୍ର ଶ୍ରୀରାମନବମୀ

ଅବସରରେ ଗତକାଲି ପ୍ରଥମ ପର୍ଯ୍ୟାୟରେ ପରମ୍ପରା ମୁତାବକ କଟକସ୍ଥିତ ଖପୁରିଆ ବନ ଉନ୍ନୟନ ନିଗମ ପରିସରରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି । ରଥକାଠ ତତ୍ତ୍ୱାବଧାରକ ନେତୃତ୍ୱରେ ପୁରୀରୁ ଆସିଥିବା ଏକ ୫ଜଣିଆ ଦଳ ଏହି ଚିରଟ ପ୍ରକ୍ରିୟାର ଅନୁକୂଳ କରିଥିଲେ । ପ୍ରତ୍ୟେକଦିନ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ଆସନ୍ତା ୪୦ରୁ ୪୫ ଦିନ ପର୍ଯ୍ୟନ୍ତ ଏହି ଚିରଟ ପ୍ରକ୍ରିୟା ଚାଲିବ । ଏଥିରେ ୩୦ଜଣ କର୍ମଚାରୀ ନିୟୋଜିତ ରହିଛନ୍ତି ।

## ଏମ୍ସ

ଭୁବନେଶ୍ୱରସ୍ଥିତ ଏମ୍‌ସରେ ଉନ୍ନତ କୃତ୍ରିମ ମୂତ୍ର ସ୍ୱିଙ୍କ୍‌ର୍ସ ଏୟୁଏସ୍ ପ୍ରତିରୋପଣ ସେବା ଆରମ୍ଭ ହୋଇଛି । ମୂତ୍ର ବିଭାଗ ଦ୍ୱାରା କରାଯାଇଥିବା ଏହି ଅତ୍ୟାଧୁନିକ ପ୍ରତିରୋପଣ ଓଡ଼ିଶାରେ ପ୍ରଥମ ବୋଲି ଜଣାପଡିଛି । ଏହି ସେବା ଆରମ୍ଭ ହେବା ଫଳରେ ମୂତ୍ରଜନିତ ରୋଗୀମାନଙ୍କୁ ଆଉ ରାଜ୍ୟ ବାହାରକୁ ଚିକିତ୍ସା ପାଇଁ ଯିବାକୁ ପଡିବ ନାହିଁ ବୋଲି ଆଶାପ୍ରକଟ ହୋଇଛି ।

## ହୋମିଓପ୍ୟାଥି

ରାଜ୍ୟର ସବୁ ଜିଲ୍ଲାରେ ହୋମିଓପ୍ୟାଥି ମେଡ଼ିକାଲ ଅଧିକାରୀ ରହିବେ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏହାବ୍ୟତୀତ ଆୟୁଷ ନିର୍ଦ୍ଦେଶାଳୟରେ ଉପ-ନିର୍ଦ୍ଦେଶକ ଓ ଯୁଗ୍ମ-ନିର୍ଦ୍ଦେଶକ ମଧ୍ୟ କାର୍ଯ୍ୟ କରିବେ

ବୋଲି ଜଣାପଡିଛି । ପୂର୍ବରୁ ରାଜ୍ୟର ୩୦ଟି ଜିଲ୍ଲାରେ ୧୫ ହୋମିଓପ୍ୟାଥି ମେଡ଼ିକାଲ ଅଧିକାରୀ କାର୍ଯ୍ୟ କରୁଥିବାବେଳେ ଏହି ପଦବୀକୁ ବୃଦ୍ଧି କରାଯାଇ ୩୦ କରାଯାଇଛି ।

# ବିଶ୍ୱ ଐତିହ୍ୟ ଦିବସ

ଆଜି ବିଶ୍ୱ ଐତିହ୍ୟ ଦିବସ । ଆନ୍ତର୍ଜାତୀୟ ସ୍ଥାପତ୍ୟ ପରିଷଦର ପ୍ରସ୍ତାବ ଅନୁସାରେ ଆଜିର ଦିନକୁ ବିଶ୍ୱ ଐତିହ୍ୟ ଦିବସ ଭାବେ ପାଳନ କରିବା ଲାଗି ୟୁନେସ୍କୋ ସାଧାରଣ ପରିଷଦ ୧୯୮୨ ମସିହାଠାରୁ ଏହି ନିଷ୍ପତ୍ତି ନେଇଥିଲା । ସାଂସ୍କୃତିକ ଐତିହ୍ୟର ବିବିଧତା ଉପରେ ଲୋକଙ୍କୁ ସଚେତନ କରାଇବା ପାଇଁ ଏହି ଦିବସ ପାଳନ କରାଯାଉଛି । ଏଥର ଏହି ଦିବସର ବାର୍ତ୍ତା ରହିଛି 'ବିବିଧତା ଆବିଷ୍କାର ଆଉ ଅନୁଭବ କର' । ଏହି ଅବସରରେ ଆଜି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଆଜି ଏଥିପାଇଁ ପ୍ରବେଶ ଶୁଳ୍କ ଛାଡ କରାଯାଇଛି । ପର୍ଯ୍ୟଟକମାନେ ସକାଳ ୬ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ସୂର୍ଯ୍ୟମନ୍ଦିର ପରିସର ବୁଲି ଦେଖିପାରିବେ ।

# ପାଠଶାଳା

ନୂଆଦିଲ୍ଲୀସ୍ଥିତ ସଂଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ଗୋଲାମୁଣ୍ଡଳା ଗ୍ରାମସ୍ଥିତ ରାମଲୀଳା ଭବନରେ କଳାଦୀକ୍ଷା ରାମଲୀଳା ପାଠଶାଳା ଉଦ୍‌ଘାଟିତ ହୋଇଯାଇଛି ।

ଗୁରୁ ପରମ୍ପରା ଅନୁଯାୟୀ ୧୦ଜଣ ନୂଆ ଛାତ୍ରଙ୍କୁ ରାମଲୀଳା ନାଟକ ଅଭ୍ୟାସ କରାଯିବା ପାଇଁ ଏହି ପାଠଶାଳାର ଆୟୋଜନ ହୋଇଛି ।

# ଗ୍ରୀଷ୍ମ ପ୍ରବାହ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ବିଶେଷକରି ଆଜି ଏବଂ ଆସନ୍ତାକାଲି ପାଇଁ ଅନେକ ସ୍ଥାନରେ ତାପମାତ୍ରା ୪୫ଡିଗ୍ରୀ ଛୁଇଁବାର ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ୨ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଭୀଷଣ ଗ୍ରୀଷ୍ମପ୍ରବାହ ସ୍ଥିତି ସୃଷ୍ଟି ନେଇ ମୟୂରଭଞ୍ଜ, ନୟାଗଡ, ଗଜପତି ଓ ନୂଆପଡା ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, ଯାଜପୁର, ଖୋର୍ଦ୍ଧା, ଢ଼େଙ୍କାନାଳ, ଅନୁଗୁଳ, କେନ୍ଦୁଝର, ବୌଦ୍ଧ, କନ୍ଧମାଳ, ଝାରସୁଗୁଡା, ବରଗଡ, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ପାଣିପାଗ କେନ୍ଦ୍ରର ଆକଳନକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ସରକାରୀ ଏବଂ ଅନୁଦାନପ୍ରାପ୍ତ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଆଜିଠୁ ୩ ଦିନ ପାଇଁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି ।